## ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରାକୁ କେନ୍ଦ୍ରର ମାନ୍ୟତା

ଭୁବନେଶ୍ୱର - (ଭୁ.ପ୍ର) ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାକୁ କେନ୍ଦ୍ର ସରକାର ମାନ୍ୟତା ପ୍ରଦାନ କରିଛନ୍ତି । ଚଳିତ ବର୍ଷ ଏହି ଧନୁଯାତ୍ରା ପାଇଁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ୫ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହା ବ୍ୟତୀତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ଜନ୍ମସ୍ଥାନ ଏବଂ ସମ୍ବଲପୁରୀ ବସ୍ତ୍ର ଓ ମୃଣ୍ମୟ ଶିଳ୍ପ ପାଇଁ ପ୍ରସିଦ୍ଧ ବରପାଲିକୁ ଗ୍ରାମାଞ୍ଚଳ ପର୍ଯ୍ୟଟନ ଯୋଜନାରେ କେନ୍ଦ୍ର ସରକାର ସାମିଲ କରିଛନ୍ତି । ଏହାର ଉନ୍ନତି ପାଇଁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ୫୦ଲକ୍ଷ ଟଙ୍କା ଯୋଗାଇଦେବାକୁ ନିଷ୍ପତ୍ତି ନେଇଛି । ସୂଚନାଯୋଗ୍ୟ ଯେ ବରଗଡ଼ର ଧନୁଯାତ୍ରା ଓଡ଼ିଶାର ଅନ୍ୟତମ ବୃହତ୍ ପ୍ରସିଦ୍ଧ ଯାତ୍ରା । ଏହା ବିଶ୍ୱର ସର୍ବବୃହତ୍ ମୁକ୍ତ ରଙ୍ଗମଞ୍ଚର ମାନ୍ୟତା ଲାଭ କରିଛି । ଧନୁଯାତ୍ରା ସମୟରେ କେବଳ ସ୍ଥାନୀୟ ଅଥବା ରାଜ୍ୟର ଦର୍ଶକ ଏଠାରେ ଲକ୍ଷାଧିକ ସଂଖ୍ୟାରେ ଏକତ୍ର ହୁଅନ୍ତି ତାହା ନୁହେଁ; ଦେଶ ବିଦେଶରୁ ମଧ ବହୁ ସଂଖ୍ୟାରେ ଦର୍ଶକ ଏହି ଯାତ୍ରା ଦେଖିବାକୁ ଆସିଥାଆନ୍ତି । ୧୦ଦିନ ଧରି ବରଗଡ଼ ହୋଇଯାଏ ମଥୁରା ନଗରୀ ଏବଂ ସେଠାରେ ମହାରାଜ କଂସଙ୍କର ରାଜତ୍ୱ ଚାଲେ । କଂସ ଦରବାରରେ ପ୍ରତିଦିନ କୃଷ୍ଣଲୀଳା ଅନୁଷ୍ଠିତ ହୁଏ ଏବଂ ନିକଟରେ ଥିବା ଜୀରା ନଦୀ ଯମୁନା ନଦୀରେ ପରିଣତ ହୋଇଯାଏ । ପ୍ରାୟ ଏକ ଶତାବ୍ଦୀ ଧରି ଅନୁଷ୍ଠିତ ହେଉଥିବା ଏହି ଯାତ୍ରାରେ ଓଡ଼ିଶାର ମାନ୍ୟଗଣ୍ୟ ବ୍ୟକ୍ତିମାନେ ସାମିଲ ହୋଇ କଂସ ଦରବାରରେ ଆତିଥ୍ୟ ଲାଭ କରିଥାଆନ୍ତି । ସମ୍ପୂର୍ଣ୍ଣ ଜନସହଯୋଗରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଏଭଳି ଏକ ଅଭିନବ ଉତ୍ସବକୁ ଦେଶସ୍ତରରେ ପରିଚିତ କରାଇବା ଲାଗି ସ୍ଥାନୀୟ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ବହୁବର୍ଷ ଧରି ଉଦ୍ୟମ କରିଆସିଥିଲେ । କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପରାମର୍ଶଦାତା କମିଟିର ସଦସ୍ୟ ଥିବା ସାଂସଦ ଶ୍ରୀଆଚାର୍ଯ୍ୟ ଏହି ଯାତ୍ରାର ନୂତନତ୍ୱ ସମ୍ପର୍କରେ ଦୃଢ଼ ଯୁକ୍ତି ଉପସ୍ଥାପନ କରି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ରେଣୁକା ଚୌଧୁରୀଙ୍କ ଦୃଷ୍ଟି ଆର୍କଣ କରିଥଲେ । ସମ୍ବଲପୁରୀ ବସ୍ତ୍ରର ସ୍ୱାତନ୍ତ୍ର୍ୟ ଏହି ଅଞ୍ଚଳର ବିଖ୍ୟାତ ଟେରାକୋଟା କାମ ଏବଂ ପ୍ରକୃତି କବି ଗଙ୍ଗାଧରଙ୍କ ଓଡ଼ିଆ ଭାଷା ସାହିତ୍ୟକୁ ଦେଇଥିବା ମହାନ ଅବଦାନର ସ୍ୱୀକୃତି ସ୍ୱରୂପ ତାଙ୍କ ଜନ୍ମସ୍ଥାନ ବରପାଲିକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ଶ୍ରୀମତୀ ଚୌଧୁରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସାଂସଦ ଶ୍ରୀଆଚାର୍ଯ୍ୟ । ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଶ୍ରୀମତୀ ଚୌଧୁରୀ ଧନୁଯାତ୍ରାକୁ ମାନ୍ୟତା ଦେବା ସହ ବରପାଲି ପାଇଁ ୫୦ଲକ୍ଷ ଟଙ୍କାର ଅନୁଦାନ ବ୍ୟବସ୍ଥା କରିଛନ୍ତି ।










About Us Contact Us Feedback Guest Book

The site is best viewed in 800x600 Resolution and in Internet Explorer 5.0 and above.

©2003 THE SAMAJA Estd.1919 (Servants of People Society)